ଏ. ଭି. ମୂର୍ତ୍ତି

ବନାମ

ବି. ଏସ. ନାଗବାସଭାନ୍ନା

ଫେବୃଆରୀ 8, 2002

[ଆର. ପି. ସେଠୀ ଏବଂ କେ. ଜି. ବାଲକ୍ରିଷ୍ଣନ, ନ୍ୟାୟମୂର୍ତ୍ତିଦ୍ୱୟ]

ବିନିମୟଯୋଗ୍ୟ ଦଲିଲ ଅଧିନିୟମ 1881:

ଧାରା 138 ଏବଂ ଏହାର ସ୍ୱଷ୍ଟୀକରଣ- ପୂର୍ବରୁ ପ୍ରଦାନ କରାଯାଇଥିବା ଅର୍ଥରାଶିର ଋଣ କିମ୍ବା ଦାୟିତ୍ୱ ବାବଦରେ ଜାରି କରାଯାଇଥିବା ଚେକକୁ ଅସ୍ୱୀକାର- ଧାରା ଅଧୀନରେ କାର୍ଯ୍ୟାନୁଷ୍ଠାନ- ମାଜିଷ୍ଟ୍ରେଟ ଅଭିଯୁକ୍ତଙ୍କୁ ସମନ ଜାରି କରିଥିଲେ- ଅଭିଯୋଗ ଅନୁରକ୍ଷଣୀୟ ନୁହେଁ ବୋଲି ଅଭିଯୋଗ କରି ଅଭିଯୁକ୍ତ ପୁନରୀକ୍ଷଣ ପାଇଁ ଆବେଦନ ଦାଖଲ କରିଥିଲେ- ଦୌରା ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟ କହିଲେ ଯେ ଆଇନଗତ ଭାବରେ ପ୍ରବର୍ତ୍ତନୀୟ କୌଣସି ଋଣ କିମ୍ବା ଦାୟିତ୍ୱ ନଥିଲା ଏବଂ ଏହିପରି କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିଦେଲେ- ଆବେଦନ ଉପରେ, କୁହାଗଲା, ଋଣ କିମ୍ବା ଦାୟିତ୍ୱକୁ ଆଇନ ଅଧୀନରେ ପ୍ରବର୍ତ୍ତନୀୟ ହେବାକୁ ବାରଣ କରାଯାଇ ନାହିଁ- ସମନ ଜାରି କରିବା ପର୍ଯ୍ୟାୟରେ, ଏପରି ଋଣ କିମ୍ବା ଦାୟିତ୍ୱ ଆଇନଗତ ଭାବରେ ପ୍ରବର୍ତ୍ତନୀୟ ହୋଇପାରିବ ନାହିଁ ବୋଲି କହିବା ଭୁଲ ଅଟେ- ମାମଲା ମାଜିଷ୍ଟ୍ରେଟଙ୍କ ନିକଟକୁ ପ୍ରେରଣ କରାଯାଇଛି ।

ଆବେଦନକାରୀ ଏବଂ ତାଙ୍କ ବନ୍ଧୁମାନେ ପ୍ରତିବାଦୀଙ୍କୁ ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରଦାନ କରିଥିଲେ । ଚାରି ବର୍ଷ ପରେ, ପ୍ରତିବାଦୀ ଆବେଦନକାରୀଙ୍କ ସପକ୍ଷରେ ଏକ ଚେକ ଜାରି କରିଥିଲେ ଯାହା ଅସ୍ୱୀକାର ହୋଇଥିଲା । ଏହା ପରେ ବିନିମୟଯୋଗ୍ୟ ଦଲିଲ ଅଧିନିୟମ 1881 ର ଧାରା 138 ଅଧୀନରେ ଏକ ଅଭିଯୋଗ ଦାଖଲ କରିଥିଲେ । ମାଜିଷ୍ଟ୍ରେଟ ପ୍ରତିବାଦୀଙ୍କୁ ସମନ ଜାରି କରିଥିଲେ । ଏହାପରେ, ପ୍ରତିବାଦୀ ଏକ ଫୌଜଦାରୀ ପୁନରୀକ୍ଷଣ ଦାଖଲ କରିଥିଲେ ଯେ ଚେକ ପ୍ରଦାନ ତାରିଖ ଠାରୁ ଚାରି ବର୍ଷ ପୂର୍ବରୁ ଏହି ଅର୍ଥରାଶି ପ୍ରଦାନ କରାଯାଇଥିବାରୁ ଅଭିଯୋଗଟି ଅନୁରକ୍ଷଣୀୟ ନଥିଲା ଏବଂ ଧାରା 138 ର ସ୍ୱଷ୍ଟୀକରଣର ଦୃଷ୍ଟିରୁ ପ୍ରତିବାଦୀଙ୍କ ବିରୋଧରେ କୌଣସି ଆଇନଗତ ଭାବେ ପ୍ରବର୍ତ୍ତନୀୟ ଋଣ କିମ୍ବା ଦାୟିତ୍ୱ ନଥିଲା । ଦୌରା ବିଚାରପତି ସମୟ ସୀମାବଦ୍ଧତାକୁ ଦୃଷ୍ଟିରେ ରଖି ପୁନରୀକ୍ଷଣ ପାଇଁ ଆବେଦନକୁ ଅନୁମତି ଦେଇଥିଲେ ଏବଂ ଧାରା 138 ଅନୁଯାୟୀ ଅଭିଯୋଗ ପ୍ରକ୍ରିୟାକୁ ରଦ୍ଦ କରିଥିଲେ । ଉଚ୍ଚ ନ୍ୟାୟାଳୟ ଏହି ଆଦେଶକୁ କାଏମ ରଖିଥିଲେ । ତେଣୁକରି ବର୍ତ୍ତମାନର ଆବେଦନଟି ।

ଆବେଦନକାରୀ ଯୁକ୍ତି ବାଢ଼ିଥିଲେ ଯେ ଦୌରା ବିଚାରପତି କହିବା ଭୁଲ ଥିଲା ଯେ ପ୍ରତିବାଦୀଙ୍କ ତରଫରୁ କୌଣସି ଆଇନଗତ ଭାବେ ପ୍ରବର୍ତ୍ତନୀୟ ଋଣ କିମ୍ବା ଦାୟିତ୍ୱ ନାହିଁ । ଅଧିକନ୍ତୁ, ପ୍ରତିବାଦୀ ତାଙ୍କ ସ୍ଥିତିପତ୍ରରେ ଉତ୍ତରଦାୟିତ୍ୱକୁ ସ୍ୱୀକାର କରିଥିଲେ ।

ଆବେଦନକୁ ଅନୁମତି ଦେଇ, ନ୍ୟାୟାଳୟ

କହିଲେ: 1.1. ନିମ୍ନ ନ୍ୟାୟାଳୟଗୁଡ଼ିକ ବିନିମୟଯୋଗ୍ୟ ଦଲିଲ ଅଧିନିୟମ, 1881 ଅଧୀନରେ ଅଭିଯୋଗ ପ୍ରକ୍ରିୟାକୁ ରଦ୍ଦ କରିବାରେ ଭୁଲ କରିଥିଲେ କାରଣ ଏହା ଏପରି ଏକ ମାମଲା ନୁହେଁ ଯେଉଁଠାରେ ଋଣ କିମ୍ବା ଦାୟିତ୍ୱ ସମ୍ବନ୍ଧରେ ଚେକ ନିଆଯାଇଥିଲା ଯାହା ଆଇନ ଅଧୀନରେ କାର୍ଯ୍ୟକାରୀ ହେବାକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଥିଲା । ଆହୁରି ମଧ୍ୟ ସମନ ଜାରି କରିବା ପର୍ଯ୍ୟାୟରେ ଏହା କହିବା ସ୍ୱଷ୍ଟ ଭାବରେ ବେଆଇନ ଏବଂ ଭୁଲ

ଥିଲା ଯେ ଋଣ କିମ୍ବା ଦାୟିତ୍ୱ ସମ୍ବନ୍ଧରେ ପ୍ରତିବାଦୀଙ୍କ ଦ୍ୱାରା ନିଆଯାଇଥିବା ଚେକ ଆଇନଗତ ଭାବରେ ପ୍ରବର୍ତ୍ତନୀୟ ନଥିଲା ।

1.2. ପ୍ରତିବାଦୀ ନିଜ ସ୍ଥିତିପତ୍ରରେ ଦାୟିତ୍ୱ ସ୍ୱୀକାର କରିଥିବା ସମ୍ପର୍କିତ ଯୁକ୍ତି ବିଷୟରେ କୌଣସି ଚୂଡ଼ାନ୍ତ ମତାମତ ବ୍ୟକ୍ତ କରାଯାଇ ନାହିଁ, ଯେହେତୁ ଏହି ମାମଲାକୁ ମାଜିଷ୍ଟ୍ରେଟଙ୍କ ପାଖକୁ ବିଚାରାର୍ଥେ ପୁନଃ ପ୍ରେରଣ କରାଯାଇଛି ।

ଫୌଜଦାରୀ ଆବେଦନ ଅଧିକାରିତା: ଫୌଜଦାରୀ ଆବେଦନ ସଂଖ୍ୟା 206/2002

ସିଆରଏଲ ଆର. ପି. ସଂଖ୍ୟା 910/2000 ରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କ ତା 24.11.2000 ରିଖ ରାୟ ତଥା ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ ଜଗଦୀପ ଧନକର, ନରେଶ କୌଶିକ, ସୁଶ୍ରୀ ଶିଳ୍ପା ଚୌହାନ, ଦେବାଶିଷ ଭାରୁକା ଏବଂ ଲଲିତା କୌଶିକ ।

ନ୍ୟାୟାଳୟର ରାୟ ପ୍ରଦାନ କରିଥିଲେ,

କେ. ଜି. ବାଲକ୍ରିଷ୍ଣନ, ନ୍ୟାୟମୂର୍ତ୍ତି । ଅନୁମତି ପ୍ରଦାନ କରାଗଲା ।

କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟର ଜନୈକ ମାନ୍ୟବର ଏକକ ବିଚାରପତିଙ୍କ ଦ୍ୱାରା ପାରିତ ଆଦେଶ ବିରୁଦ୍ଧରେ ଏହି ଆବେଦନଟି ନିର୍ଦ୍ଦେଶିତ ଅଟେ । ଏଠାରେ ଉଲ୍ଲେଖ ଥିବା ଆବେଦନକାରୀ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଏକ ଅଭିଯୋଗ ଦାୟର କରି ଦର୍ଶାଇଥିଲେ ଯେ ଏଠାରେ ଉଲ୍ଲିଖିତ ପ୍ରତିବାଦୀ ବିନିମୟଯୋଗ୍ୟ ଦଲିଲ ଅଧିନିୟମ 1881 (ସଂକ୍ଷେପରେ, ଅଧିନିୟମ) ର ଧାରା 138 ଅଧୀନରେ ଏକ ଦଣ୍ଡନୀୟ ଅପରାଧ କରିଥିଲେ । ଆବେଦନକାରୀ ଆରୋପ କରିଥିଲେ ଯେ ସେ ଏବଂ ତାଙ୍କର ଦୁଇ ବନ୍ଧୁ ପ୍ରାୟ ଚାରି ବର୍ଷ ପୂର୍ବେ ପ୍ରତିବାଦୀଙ୍କୁ ପେଟ୍ରୋଲ ପମ୍ପ ଆରମ୍ଭ କରିବା ପାଇଁ 7.5 ଲକ୍ଷ ଟଙ୍କା ଅଗ୍ରୀମ ପ୍ରଦାନ କରିଥିଲେ ଏବଂ ବାରମ୍ବାର ଦାବି ସତ୍ତ୍ୱେ ପ୍ରତିବାଦୀ ଉକ୍ତ ଅର୍ଥ ଫେରସ୍ତ କରିନଥିଲେ ଏବଂ ଶେଷରେ ଆବେଦନକାରୀଙ୍କ ଅନୁରୋଧକ୍ରମେ 30.3.1998 ରେ ପ୍ରତିବାଦୀ ଆବେଦନକାରୀଙ୍କ ସପକ୍ଷରେ ଏକ ଚେକ ଜାରି କରିଥିଲେ । ଆବେଦନକାରୀ ଦେୟ ପାଇଁ ଚେକ ଉପସ୍ଥାପନ କରିଥିଲେ, କିନ୍ତୁ "ଖାତା ବନ୍ଦ" କାରଣରୁ ବ୍ୟାଙ୍କ ଦ୍ୱାରା ଚେକ ଅସ୍ୱୀକାର ହୋଇଥିଲା । ତା'ପରେ, ଆବେଦନକାରୀ ଏକ ବୈଧାନିକ ଚାହିଦା ନୋଟିସ ଜାରି କରିଥିଲେ ଏବଂ ପ୍ରତିବାଦୀ ଉକ୍ତ ଅର୍ଥ ପରିଶୋଧ କରିବାରେ ବିଫଳ ହେବାରୁ, ଆବେଦନକାରୀଙ୍କ ଦ୍ୱାରା ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଏକ ଅଭିଯୋଗପତ୍ର ଦାୟର କରାଯାଇଥିଲା । ଅଭିଯୋଗପତ୍ରରେ ଦର୍ଶାଯାଇଥିଲା ଯେ ପ୍ରତିବାଦୀଙ୍କ ଦ୍ୱାରା ଚେକ ପ୍ରଦାନ କରାଯିବାର ପ୍ରାୟ ଚାରି ବର୍ଷ ପୂର୍ବରୁ, ଆବେଦନକାରୀ ଏବଂ ତାଙ୍କର ଦୁଇ ଜଣ ବନ୍ଧୁ ପ୍ରତିବାଦୀଙ୍କୁ ଉକ୍ତ 7.5 ଲକ୍ଷ ଟଙ୍କାର ଅଗ୍ରୀମ ରାଶି ପ୍ରଦାନ କରିଥିଲେ । ମାନ୍ୟବର ମାଜିଷ୍ଟ୍ରେଟ ପ୍ରତିବାଦୀଙ୍କୁ ସମନ ଜାରି କରିଥିଲେ । ପ୍ରତିବାଦୀ ମହୀଶୂରର ଦ୍ୱିତୀୟ ଅତିରିକ୍ତ ଦୌରା ବିଚାରପତିଙ୍କ ସମ୍ମୁଖରେ ଅଭିଯୋଗ କରିବାପୂର୍ବକ ଏକ ଫୌଜଦାରୀ ପୁନରୀକ୍ଷଣ ଦାଖଲ କରିଥିଲେ ଯେ ଆବେଦନକାରୀଙ୍କ ଦ୍ୱାରା ତାଙ୍କୁ ଦିଆଯାଇଥିବା ଅର୍ଥରାଶି ଚେକ ପ୍ରଦାନ ତାରିଖ ଠାରୁ ପ୍ରାୟ ଚାରି ବର୍ଷ ପୂର୍ବରୁ ଥିଲା, ଏବଂ ଅଧିନିୟମର ଧାରା 138 ରେ ସଂଲଗ୍ନ ସ୍ପଷ୍ଟୀକରଣ ଦୃଷ୍ଟିରୁ, ପ୍ରତିବାଦୀଙ୍କ ବିରୋଧରେ ଆଇନଗତ ଭାବରେ କୌଣସି ପ୍ରବର୍ତ୍ତନୀୟ ଋଣ କିମ୍ବା ଦାୟିତ୍ୱ ନଥିଲା । ଅତିରିକ୍ତ ଦୌରା ବିଚାରପତି ଏହି ଦଲିଲକୁ ଗ୍ରହଣ କରିଥିଲେ ଏବଂ ଦର୍ଶାଇଥିଲେ ଯେ ଅଭିଯୋପତ୍ରରେ ଥିବା ବିବୃତି ଏବଂ ଅଭିଯୋଗକାରୀଙ୍କ ଶପଥପାଠ ଆଧାରରେ ମଧ୍ୟ, ଚେକ ପ୍ରଦାନ କରାଯିବାର ଚାରି ବର୍ଷ ପୂର୍ବରୁ କଥିତ ଋଣ ଟଙ୍କା ନିଆଯାଇଥିଲା ଏବଂ ତେଣୁ ସମୟ ସୀମାବଦ୍ଧତାର ପ୍ରତିବନ୍ଧକ କାରଣରୁ ସେହି ଋଣ ଆଇନଗତ ଭାବେ

ବାଧତାମୂଳକ ନଥିଲା ଏବଂ, ତେଣୁ, ଅଧିନିୟମର ଧାରା 138 ଅଧୀନରେ ଆରୋପିତ ଅପରାଧର ସଂଜ୍ଞାନ ନେଇ ମାଜିଷ୍ଟ୍ରେଟ ଭୁଲ କରିଥିଲେ । ଫଳସ୍ୱରୂପ, ଅତିରିକ୍ତ ଦୌରା ବିଚାରପତି ସମଗ୍ର କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିଥିଲେ ଏବଂ ଏହା ଦ୍ୱାରା ଅସନ୍ତୁଷ୍ଟ ହୋଇ ଆବେଦନକାରୀ କର୍ଣ୍ଣାଟକର ଉଚ୍ଚ ନ୍ୟାୟାଳୟରେ ଏକ ଫୌଜଦାରୀ ପୁନରୀକ୍ଷଣ ଦାଖଲ କରିଥିଲେ କିନ୍ତୁ ମାନ୍ୟବର ଏକକ ବିଚାରପତି ଅତିରିକ୍ତ ଦୌରା ବିଚାରପତିଙ୍କ ମତକୁ ବଜାୟ ରଖିଥିଲେ । ଏହି ଆବେଦନଟି ଏବେ ଆମ୍ଭ ସମ୍ମୁଖରେ ଉପନୀତ ।

ଆମ୍ଭେ ଆବେଦନକାରୀଙ୍କ ପକ୍ଷର ଶ୍ରୀମାନ ଓକିଲଙ୍କୁ ଶୁଣିଛୁ । ଶ୍ରୀମାନ ଓକିଲ ଯୁକ୍ତି କରିଥିଲେ ଯେ ଦୌରା ବିଚାରପତିଙ୍କ ତରଫରୁ ଏହା କହିବା ଭୁଲ ଥିଲା ଯେ ପ୍ରତିବାଦୀଙ୍କ ତରଫରୁ ଆଇନଗତ ଭାବରେ କୌଣସି ପ୍ରବର୍ତ୍ତନୀୟ ଋଣ କିମ୍ବା ଦାୟିତ୍ୱ ନାହିଁ । ସେ ପୁନଶ୍ଚ ଯୁକ୍ତି କରିଥିଲେ ଯେ ଯେତେବେଳେ ଅଧିନିୟମର ଧାରା 118 ଅଧୀନରେ ଏକ ଚେକ ଜାରି କରାଯାଏ, ଏହା ଧରିନେବାକୁ ହେବ ଯେ ଏହା ପ୍ରତିଫଳ ପାଇଁ ନିଆଯାଇଥିଲା । ଅଧିକନ୍ତୁ ଯୁକ୍ତି କରାଯାଇଥିଲା ଯେ ଯଦିଓ ଆବେଦନକାରୀ ଏବଂ ତାଙ୍କ ବନ୍ଧୁମାନେ ପ୍ରାୟ ଚାରି ବର୍ଷ ପୂର୍ବେ ଋଣ ପ୍ରଦାନ କରିଥିଲେ, ତଥାପି ପ୍ରତିବାଦୀ ତାଙ୍କ ସ୍ଥିତିପତ୍ରରେ ଏହି ଦାୟିତ୍ୱକୁ ସ୍ୱୀକାର କରିଥିଲେ ଏବଂ ଏକ ଦେୱାନୀ ମକଦ୍ଦମା ଉଦ୍ଦେଶ୍ୟରେ ମଧ୍ୟ, ଏପରି ଋଣ କିମ୍ବା ଦାୟିତ୍ୱ ସମୟ ସୀମାବଦ୍ଧତା ଦ୍ୱାରା ପ୍ରତିବନ୍ଧିତ କରାଯାଇନାହିଁ ।

ପ୍ରତିବାଦୀ ନୋଟିସ ଗ୍ରହଣ କରିବାକୁ ମନା କରିଦେଇଥିଲେ ଏବଂ ଆମ୍ଭ ପାଖରେ ତାଙ୍କ କଥା ଶୁଣିବାର ସୁବିଧା ମିଳି ନଥିଲା । ପ୍ରତିବାଦୀ ଯୁକ୍ତି ବାଢ଼ିଥିଲେ ଯେ ଯେହେତୁ ଚେକ ପ୍ରଦାନ କରିବାର ଚାରି ବର୍ଷ ପୂର୍ବରୁ ଋଣ ପ୍ରଦାନ କରାଯାଇଥିଲା, ତେଣୁ ଯେଉଁ ଋଣ କିମ୍ବା ଦାୟିତ୍ୱ ପାଇଁ ସେ ଚେକ ଜାରି କରିଥିଲେ, ତାହା ଆଇନଗତ ଭାବରେ ପ୍ରବର୍ତ୍ତନୀୟ ହୋଇ ରହିଲା ନାହିଁ ଏବଂ ତେଣୁ, ଅଧିନିୟମର ଧାରା 138 ଅଧୀନରେ ଅଭିଯୋଗକାରୀଙ୍କ ଦ୍ୱାରା କୌଣସି ଅଭିଯୋଗ ଦାଖଲ କରାଯିବାର ନଥିଲା ।

ଯେହେତୁ ଅଭିଯୋଗକୁ ଅଗ୍ରାହ୍ୟ କରାଯାଇଛି, ଆମ୍ଭେ ଏହି ପ୍ରଶ୍ନ ଉପରେ କୌଣସି ମତାମତ ପ୍ରକାଶ କରିବାକୁ ପ୍ରସ୍ତାବ ଦେଉ ନାହୁଁ କାରଣ ଏହି ପ୍ରସଙ୍ଗଟି ପକ୍ଷମାନଙ୍କ ଦ୍ୱାରା ଏପର୍ଯ୍ୟନ୍ତ ଆନ୍ଦୋଳିତ ହୋଇନାହିଁ । କିନ୍ତୁ, ଆମ୍ଭର ମତ ଏହିକି ଯେ ମାନ୍ୟବର ଦୌରା ବିଚାରପତି ଏବଂ ଉଚ୍ଚ ନ୍ୟାୟାଳୟର ମାନ୍ୟବର ଏକକ ବିଚାରପତି ଅଭିଯୋଗ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାକୁ ରଦ୍ଦ କରି ସ୍ପଷ୍ଟ ଭାବରେ ତ୍ରୁଟି କରିଥିଲେ । ଯେ ପର୍ଯ୍ୟନ୍ତ ଏହା ଭିନ୍ନ ପ୍ରକାରେ ପ୍ରମାଣିତ ନ ହୋଇଛି, ପ୍ରତ୍ୟେକ ବିନିମୟଯୋଗ୍ୟ ଦଲିଲ ଅଧିନିୟମର ଧାରା 118 ଅଧୀନରେ ପ୍ରତିଫଳ ପାଇଁ ପ୍ରସ୍ତୁତ କରାଯାଇଥିଲା ବୋଲି ଏକ ପୂର୍ବଧାରଣା ରହିଛି । ଏପରିକି ଅଧିନିୟମର ଧାରା 139 ଅଧୀନରେ, ଏହା ବିନିର୍ଦ୍ଦିଷ୍ଟ ଭାବେ କୁହାଯାଇଛି, ଯେ ପର୍ଯ୍ୟନ୍ତ ଏହାର ବିପରୀତ ପ୍ରମାଣିତ ନ ହୁଏ, ଏହା ଅନୁମାନ କରାଯିବ ଯେ କୌଣସି ଚେକ ଧାରକ ଯେ କୌଣସି ଋଣ କିମ୍ବା ଅନ୍ୟାନ୍ୟ ଦାୟିତ୍ୱର ସମ୍ପୂର୍ଣ୍ଣ କିମ୍ବା ଆଂଶିକ ପରିଶୋଧ କରିବା ପାଇଁ ଧାରା 138 ରେ ସୂଚିତ ହୋଇଥିବା ପ୍ରକୃତିର ଚେକ ପ୍ରାପ୍ତ କରିଛନ୍ତି । ଏହା ମଧ୍ୟ ଧ୍ୟାନ ଦେବା ପ୍ରାସଙ୍ଗିକ ଯେ ଭାରତୀୟ ଚୁକ୍ତିନାମା ଅଧିନିୟମ, 1872 ର ଧାରା 25 ର ଉପଧାରା (3) ଅଧୀନରେ, ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବରେ ଏକ ଋଣ ପରିଶୋଧ କରିବାକୁ, ଲିଖିତ ଭାବେ କରାଯାଇଥିବା ଏବଂ ଦାୟୀ ବ୍ୟକ୍ତି କିମ୍ବା ତାଙ୍କ ପ୍ରତିନିଧିଙ୍କ ଦ୍ୱାରା, ସାଧାରଣ କିମ୍ବା ସ୍ୱତନ୍ତ୍ର ଭାବେ ସେହି ଉଦ୍ଦେଶ୍ୟରେ ଯିଏ ପ୍ରାଧିକୃତ ଅଟନ୍ତି, ସ୍ୱାକ୍ଷରିତ ହୋଇଥିବା ଏକ ପ୍ରତିଶୃତି ଯାହାର ପରିଶୋଧକୁ ଋଣଦାତା ବାଧ୍ୟ କରିଥାଇପାରନ୍ତି, ଯଦି ମାମଲା ଦାୟରର ସୀମାବଦ୍ଧତା ଆଇନର ପ୍ରତିବନ୍ଧକ ନଥାଏ, ଏକ ବୈଧ ଚୁକ୍ତି ଅଟେ । ଅଧିକନ୍ତୁ, ବର୍ତ୍ତମାନର ମାମଲାରେ, ଆବେଦନକାରୀ ଆମ୍ଭ ସମ୍ମୁଖରେ ଦର୍ଶାଇଛନ୍ତି ଯେ ପ୍ରତିବାଦୀ, ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଋଣ ପର ଠାରୁ ପ୍ରତ୍ୟେକ ବର୍ଷ ପାଇଁ ପ୍ରସ୍ତୁତ ନିଜ

ସ୍ଥିତିପତ୍ରରେ ଉକ୍ତ ଅର୍ଥରାଶିକୁ ବନ୍ଧୁମାନଙ୍କଠାରୁ ପ୍ରାପ୍ତ ଜମା ଭାବରେ ଦେଖାଇଥିଲେ । 31 ମାର୍ଚ୍ଚ ତା 1997 ରିଖ ସୁଦ୍ଧା ପ୍ରସ୍ତୁତ ସ୍ଥିତିପତ୍ରର ଏକ ନକଲ ମଧ୍ୟ ଆମ୍ଭ ସମ୍ମୁଖରେ ଉପସ୍ଥାପିତ ହୋଇଛି । ଯଦି ପ୍ରତିବାଦୀଙ୍କ ଦ୍ୱାରା ଋଣ କରାଯାଇଥିବା ପରିମାଣକୁ ସ୍ଥିତିପତ୍ରରେ ଦର୍ଶାଯାଏ, ତେବେ ଏହା ପ୍ରାପ୍ତି ସ୍ୱୀକୃତି ହୋଇପାରେ ଏବଂ ପ୍ରାପ୍ତି ସ୍ୱୀକୃତି ଦିଆଯାଇଥିବା ତାରିଖ ଠାରୁ ଋଣଦାତା ଏକ ନୂତନ ସମୟ ସୀମାବଦ୍ଧତା ପାଇପାରିବେ । ତେବେ ସେ ଯାହା ହେଉ, ଆମ୍ଭେ ଏହି ସମସ୍ତ ଦିଗ ଉପରେ କୌଣସି ଚୂଡ଼ାନ୍ତ ମତ ବ୍ୟକ୍ତ କରୁନାହୁଁ, କାରଣ ଏସବୁ ବିଷୟଗୁଡ଼ିକ ପ୍ରତିବାଦୀଙ୍କ ପକ୍ଷରୁ ପ୍ରତିରକ୍ଷା ଭାବରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଉପସ୍ଥାପନ କରାଯିବା ଉଚିତ ।

ଏହା ଏପରି ଏକ ମାମଲା ନୁହେଁ ଯେଉଁଠାରେ ଋଣ କିମ୍ବା ଦାୟିତ୍ୱ ସମ୍ବନ୍ଧରେ ଚେକ ଜାରି କରାଯାଇଥିଲା, ଯାହା ଆଇନ ଅଧୀନରେ କାର୍ଯ୍ୟକାରୀ ହେବାକୁ ସମ୍ପୂର୍ଣ୍ଣ ନିଷେଧ ହୋଇଥିଲା । ଉଦାହରଣ ସ୍ୱରୂପ, ଯଦି ଚେକ ଏକ ପଣ ଚୁକ୍ତିନାମା ଅଧୀନରେ ଦେୟଯୋଗ୍ୟ ଋଣ କିମ୍ବା ଦାୟିତ୍ୱ ସମ୍ବନ୍ଧରେ ନିଆଯାଇଥିଲା, ତେବେ ଏହା କୁହାଯାଇପାରନ୍ତା ଯେ ଋଣ କିମ୍ବା ଦାୟିତ୍ୱ ଆଇନଗତ ଭାବରେ ପ୍ରବର୍ତ୍ତନୀୟ ନୁହେଁ କାରଣ ଏହା ଏକ ଦାବି ଯାହା ଆଇନ ଅଧୀନରେ ନିଷିଦ୍ଧ ଅଟେ । ଏହି ମାମଲା ସେପରି ନୁହେଁ । କିନ୍ତୁ ଆମ୍ଭେ ନିଶ୍ଚିତ ଯେ କାର୍ଯ୍ୟାନୁଷ୍ଠାନର ଏହି ପର୍ଯ୍ୟାୟରେ, ପ୍ରତିବାଦୀଙ୍କ ଦ୍ୱାରା ଦିଆଯାଇଥିବା ଚେକ ଏକ ଋଣ କିମ୍ବା ଦାୟିତ୍ୱ ସମ୍ବନ୍ଧରେ ଥିଲା, ଯାହା ଆଇନଗତ ଭାବରେ ପ୍ରବର୍ତ୍ତନୀୟ ନଥିଲା ବୋଲି କହିବା ସ୍ପଷ୍ଟ ଭାବରେ ବେଆଇନ ଏବଂ ଭୁଲ ଥିଲା ।

ସୁତରାଂ, ଆମ୍ଭେ ଉଚ୍ଚ ନ୍ୟାୟାଳୟର ମାନ୍ୟବର ଏକକ ବିଚାରପତିଙ୍କ ଦ୍ୱାରା ପାରିତ ଆଦେଶକୁ ଖାରଜ କରୁଛୁ, ଏହି ଆବେଦନକୁ ମଞ୍ଜୁରୀ ଦେଉଛୁ ଏବଂ ଆଇନାନୁଯାୟୀ ଅଭିଯୋଗପତ୍ର ସହିତ ଆଗକୁ ବଢ଼ିବା ପାଇଁ ମାମଲାଟିକୁ ମାଜିଷ୍ଟ୍ରେଟଙ୍କ ନିକଟକୁ ପୁନଃ ପ୍ରେରଣ କରୁଛୁ । ଆମ୍ଭେ ଏହା ସ୍ପଷ୍ଟ କରୁଛୁ ଯେ ଋଣ କିମ୍ବା ଦାୟିତ୍ୱର କାର୍ଯ୍ୟକାରିତା ବିଷୟରେ ଆମ୍ଭ ଦ୍ୱାରା ଯାହା କୁହାଯାଇଛି ତାହା କେବଳ ଏହି ମୋକଦ୍ଦମା ପ୍ରକ୍ରିୟାର ଉଦ୍ଦେଶ୍ୟ ପାଇଁ ଅଟେ ଏବଂ ପ୍ରତିବାଦୀ ଆଇନଗତ ଭାବରେ ଉପଲବ୍ଧ ସମସ୍ତ ପ୍ରକାର ପ୍ରତିରକ୍ଷା ଗଠନ କରିବାକୁ ସ୍ୱାଧୀନ ହେବେ ।

ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଏନ. ଜେ.

ଆବେଦନକୁ ମଞ୍ଜୁରୀ ଦିଆଯାଇଛି ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ